**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**23 September - 2024**

**News Editor : *Itishree Singh Rathaur***

# ଭରତପୁର ଥାନା-ତଦନ୍ତ ନିର୍ଦ୍ଦେଶ

ଭରତପୁର ଥାନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଚିତ୍ତରଂଜନ ଦାସ ଘଟଣାର ତଦନ୍ତ କରିବା ସହ ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଛି । ଏଥିସହିତ ଉଚ୍ଚନ୍ୟାୟାଳୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ହାଇକୋର୍ଟଙ୍କୁ ମଧ୍ୟ ଅନୁରୋଧ କରାଯାଇଛି ।

ସୂଚନାଯୋଗ୍ୟ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଭରତପୁର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୫ ଜଣ ପୋଲିସ୍ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ।

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ ସରକାରୀ ବାସଭବନରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି

କରିବେ । ମିଳିଥିବା ସୂଚନା ଅନୁସାରେ ଗତକାଲି ସୁଦ୍ଧା ୧ହଜାର ଜଣ ସେମାନଙ୍କର ନାମ ପଞ୍ଜୀକରଣ କରିସାରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ଜନସାଧାରଣ ୱ୍ୱାଟ୍‌କୋ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଗେଟ୍ ନମ୍ବର ୧ରେ ଆସିବାକୁ ପଡ଼ିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

## ବାଚସ୍ପତିଙ୍କ ଦିଲ୍ଲୀଗସ୍ତ

ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଦଶମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି । ନୂଆଦିଲ୍ଲୀର ସଂସଦ ଭବନରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧ୍ୟକ୍ଷତା କରିବେ । ସମ୍ମିଳନୀରେ ଯୋଗଦେବା ପାଇଁ ଶ୍ରୀମତୀ ପାଢ଼ୀଙ୍କ ସହିତ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଜ୍ୟ ବିଧାନସଭାର ସଚିବ ପ୍ରମୁଖ ଦିଲ୍ଲୀ ଗସ୍ତ କରିଛନ୍ତି ।

## ଶ୍ରୀମନ୍ଦିର- ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ ପକ୍ଷରୁ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଶେଷ ହୋଇଛି। ସର୍ବେକ୍ଷଣ ଶେଷ ହେବା ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ରତ୍ନଭଣ୍ଡାରରେ କୌଣସି ଅଦୃଶ୍ୟ ଚାମ୍ବର, ଜିନିଷ ରଖିବା ସ୍ଥାନ, ଭୂମି ତଳେ ସୁଡ଼ଙ୍ଗ ଆଦିର ସମ୍ଭାବନାକୁ ଦୃଷ୍ଟିରେ ରଖି ନିରୀକ୍ଷଣ ଓ ସର୍ଭେକାର୍ଯ୍ୟ

କରାଯାଇଥିଲା । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଥିଲା । ସର୍ବେକ୍ଷଣ ନେଇ ୧୦ ଦିନ ମଧ୍ୟରେ ଚୂଡାନ୍ତ ରିପୋର୍ଟ ଆସିବ। ଏହି ରିପୋର୍ଟକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ । ସରକାରଙ୍କ ଅନୁମତି ପରେ ଏଏସ୍ଆଇ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରିବ । ମରାମତି କାର୍ଯ୍ୟ ଶେଷ ହେବା ପରେ ଅଳଙ୍କାରର ଗଣତି ମଣତି କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

## ରବି ଫସଲ ଚାଷ

ଚଳିତ ଆର୍ଥିକବର୍ଷରେ ୧୨ ଲକ୍ଷ ୫୦ ହଜାର ଏକର ଜମିରେ ରବି ଫସଲ ଚାଷ କରିବାକୁ ରାଜ୍ୟ କୃଷି ବିଭାଗ ଲକ୍ଷ୍ୟ ରଖିଛି । ଏ ନେଇ ୨୫୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ।

## ଶ୍ରୀମନ୍ଦିର -ଷୋଳପୂଜା

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ବିମଳା ମାଆଙ୍କ ଷୋଳପୂଜା ଆରମ୍ଭ ହେବ । ଏହି ଅବସରରେ ଦେବୀ ଦୁର୍ଗାଙ୍କ ଶହସ୍ରାକୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ହେବ । ଏହି କ୍ରମରେ ଆସନ୍ତା ମାସ ୯ ତାରିଖ ବୁଧବାର ଦିନ ମାଆ ବିମଳାଙ୍କ ପୀଠରେ ମହାସପ୍ତମୀ, ୧୦ତାରିଖ ଗୁରୁବାରଦିନ ମହାଅଷ୍ଟମୀ ଏବଂ ୧୧ ତାରିଖ ଶୁକ୍ରବାର ଦିନ ମହାନବମୀ ପୂଜା ଅନୁଷ୍ଠିତ ହେବ । ୧୨ ତାରିଖରେ ମାଆଙ୍କ ବିଶ୍ରାମ ପୂଜା ହୋଇ

୧୩ ତାରିଖ ରବିବାର ଠାକୁରାଣୀଙ୍କ ଦଶହରା ପୂଜା ସଂପନ୍ନ ହେବ ବୋଲି ଜଣାପଡ଼ିଛି ।

## ଗଣେଶ ଭସାଣି

କଟକ ସହରରେ ଗତକାଲି ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଅନୁଷ୍ଠିତ ହୋଇଛି । ଏଥିରେ ୧୫୦ଟି ମୂର୍ତ୍ତି ବିସର୍ଜିତ ହୋଇଛନ୍ତି । ସେହିଭଳି ଗତ ୧୫ ତାରିଖ ରବିବାର ଦିନ ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବରେ ୩୮୦ଟି ମେଢ଼ ବିସର୍ଜିତ ହୋଇଥିଲେ । ଭସାଣି ପାଇଁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ୨୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ ।

## ପୂଜା ପ୍ରସ୍ତୁତି

ଶାରଦୀୟ ଦୁର୍ଗାପୂଜା ପାଇଁ କଟକ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି । ସହରରେ ଚଳିତବର୍ଷ ମୋଟ୍ ୧୭୦ଟି ମଣ୍ଡପରେ ମାଆଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯିବ । ଏଥର ସମୁଦାୟ ୩୪ଟି ଚାନ୍ଦୀମେଢ଼ରେ ମାଆ ପୂଜା ପାଇବେ । ଦୁର୍ଗାପୂଜା ପାଇଁ ସହରରେ ଟ୍ରାଫିକ୍ କଟକଣା ଲାଗୁ ହେବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ହ୍ୟାଣ୍ଡବଲ୍ ପ୍ରତିଯୋଗିତା

ଭୁବନେଶ୍ୱର ଓଏସ୍ଏପି ସପ୍ତମ ବାଟାଲିୟନ ପଡ଼ିଆରେ ରାଜ୍ୟସ୍ତରୀୟ ସବ୍‌ଜୁନିଅର ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ

ଉଭୟ ବାଳକ ଓ ବାଳିକା ବର୍ଗରେ ଭୁବନେଶ୍ୱର ଚାମ୍ପିୟାନ୍ ହୋଇଛି । ବାଳକ ବିଭାଗର ଫାଇନାଲ୍ ମ୍ୟାଚରେ ଭୁବନେଶ୍ୱର ୪-୦ ଗୋଲ୍‌ରେ ଖୋର୍ଦ୍ଧା ଜିଲ୍ଲାକୁ ପରାସ୍ତ କରିଥିଲା । ସେହିଭଳି ବାଳିକା ବିଭାଗରେ ଭୁବନେଶ୍ୱର ୭-୪ ଗୋଲ୍‌ରେ କଟକକୁ ପରାସ୍ତ କରି ବିଜୟୀ ହୋଇଛି ।

## ବେଞ୍ଚ ଚେସ୍

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ବେଞ୍ଚ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାର ୧୨୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ଖୋର୍ଦ୍ଧା ଜିଲ୍ଲା ସର୍ବାଧିକ ୨୧ଟି ସ୍ୱର୍ଣ୍ଣପଦକ ଜିତି ଚମ୍ପିୟାନ୍ ହୋଇଛି । ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଖେଳାଳିମାନେ ଆସନ୍ତାମାସ ୧୪ ତାରିଖରୁ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବେଞ୍ଚ୍ ଚେସ୍ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି ।

## ପାଣିପାଗ

ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆଜି ସୁଦ୍ଧା ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆଜି କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବାଲେଶ୍ୱର, ଭଦ୍ରକ,

କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ସେହିପରି ଆସନ୍ତାକାଲିଠାରୁ ଗୁରୁବାର ମଧ୍ୟରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।